## ସଂକ୍ଷେପରେ

### ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା



ଆସିକା,୫।୫(ସୁରେନ୍ଦ୍ର ନାଥ ସାହୁ)

ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ରବିବାର ସ୍ଥାନୀୟ ଖମ୍ବେଶ୍ୱରୀପାଟଣାଠାରେ ଅନୁଷ୍ଠିତ ହୋଇଥିଲା। ଶନିବାର ମଧ୍ୟରାତ୍ରିରୁ ଠାକୁରାଣୀଙ୍କ ବିଜେ ପ୍ରତିମାକୁ ବିମାନରେ ବସାଇ ବାଦ୍ୟବାଜଣା ପଟୁଆର ସହ ନଗର ପରିକ୍ରମା ପରେ ଏନ୍ଏସି ଅଫିସ ନିକଟରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ସ୍ଥାପନା କରାଯାଇଥିଲା। ଭୋରରୁ ଶ୍ରଦ୍ଧାଳୁ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ସୋମବାର ସକାଳଯାଏ ଏହି ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ପୂଜାର୍ଚ୍ଚନା ପରେ ପୁଣି ପଟୁଆର ସହ ବିଜେ ପ୍ରତିମାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ଲାଗି ବ୍ୟବସ୍ଥା ହୋଇଛି। ଦିନ ତମାମ ଖମ୍ବେଶ୍ୱରୀପାଟଣୀ, କୁମ୍ଭାର ସାହିରେ ଭାରତଲିଳା, ପ୍ରହଲ୍ଲାଦ ନାଟକ ଓ ସାମାଜିକ ବିଭିନ୍ନ ନୃତ୍ୟ ନାଟିକାକୁ ଜନସାଧାରଣ ବେଶ ଉତ୍ସାହର ସହ ଉପଭୋଗ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଚୈତ୍ର ପୂର୍ଣ୍ଣିମାଠାରୁ ପ୍ରାୟ ମାସେ କାଳ ପ୍ରତ୍ୟହ ସନ୍ଧ୍ୟାରେ ଦେବୀଙ୍କ ବିଜେ ପ୍ରତିମାକୁ ବିଭିନ୍ନ ସାହି ବସ୍ତି ପରିକ୍ରମା କରାଯାଉଥିଲା। ଚଳିତବର୍ଷ ଏହା ମାତ୍ର ୧୦ ଦିନ ଲାଗି ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମାଇଁ ଚରଣ ପାଣିଗ୍ରାହୀ ଓ ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି ଯାତ୍ରା ଉତ୍ସବ ଶୃଙ୍ଖଳାର ସହ ପାଳିତ ହୋଇଥିଲା।

### ଖରା ସହ ବଢୁଛି ନିର୍ବାଚନୀ ତାତି

ରମ୍ଭା,୫।୫(ବନବାସୀ ସେଠୀ)

ପ୍ରଥମ ପର୍ଯ୍ୟାୟ ୧୩ ତାରିଖ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ସରିଛି। ତେଣୁ ଏବେ ଖରାର ପ୍ରକୋପ ବୃଦ୍ଧିକୁ ନିର୍ବାଚନ ତାତି ବଳିଯାଇଛି। ପ୍ରଚାର ଗାଡିର ସଂଗୀତର ଅଞ୍ଚଳ ଉଚ୍ଛୁଳି ପଡୁଛି। ସବୁ ରାଜନୈତିକ ଦଳ ନିର୍ବାଚନ କାର୍ଯ୍ୟାଳୟ ଖୋଲି ଭୋଟର ପରାମର୍ଶ କରିବା ପାଇଁ ବ୍ଲୁ ପ୍ରିଣ୍ଟ କରାଯାଉଛି। ସ୍ଥାନେ ସ୍ଥାନେ ସ୍ୱର୍ଶକାତର ଜାଗା, ସାହି ମୁହଁ, ମୁଖ୍ୟ ରାସ୍ତା ପାର୍ଶ୍ୱ ଅବତୀର୍ଣ୍ଣ ପ୍ରାର୍ଥୀମାନଙ୍କ ଫଟୋ ସହିତ ଦଳୀୟ ଚିହ୍ନ ଉଲେଖ କରି ଟଙ୍ଗା ଯାଇଥିବା ସହ ପଥପ୍ରାନ୍ତ ନାଟ୍ୟ, ପାଲା ଓ ସଙ୍ଗୀତ ମାଧ୍ୟମରେ ସରକାରଙ୍କ ଓ ନିଜ ଦଳର ଯୋଜନା ଗୁଡିକ ଲୋକଙ୍କୁ ବୁଝାଉଥିବା ଲକ୍ଷ୍ୟ କରାଯାଇଛି। ଭୋଜିଭାତର ଆପ୍ୟାୟିତ କରାଯାଇ ନିର୍ବାଚନର ମାହୋଲ ସୃଷ୍ଟି କରାଯାଉଛି। ପ୍ରତେକ ସ୍ଥାନରେ, ବଜାର ଓ ପଞ୍ଚାୟତରେ ପୋଲିସର ଫ୍ଲାଗ ମାର୍ଚ୍ଚ ସାଙ୍ଗକୁ ରାତି ୧୦ ବାଜିଲେ ସତର୍କତା ରହିବା ପାଇଁ ପୋଲିସ ପାଟ୍ରୋଲିଂ କରାଯାଉଛି।

### ମାସକରେ ୪୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ

ଫୁଲବାଣୀ,୫।୫(ରାକେଶ କୁମାର ରାଉତ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କନ୍ଧମାଳ ପୋଲିସ ପକ୍ଷରୁ ଧରପଗଡ ଜୋରଦାର କରାଯାଇଛି। ବିଶେଷ କରି ଜିଲାରେ ଗଞ୍ଜେଇ ଚୋରାଚାଲାଣ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ଏ ଦିଗରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯିବା ସହିତ ଚଢ଼ାଉ ଅଭିଯାନ ତ୍ୱରାନ୍ୱିତ କରାଯାଇଛି। ଗତ ଏକ ମାସ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୧ କ୍ୱିଣ୍ଟାଲ ୪୮ କିଲୋ ଗଞ୍ଜେଇ ଜବତ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଦର ଏସଡିପିଓ ସୁପ୍ରସନ୍ନ ମଲ୍ଲିକ। ଗୋଚ୍ଛାପଡା ଥାନା ଅଞ୍ଚଳରେ ୨୧ କ୍ୱିଣ୍ଟାଲ, ଫିରିଙ୍ଗିଆ ଥାନା ଅଞ୍ଚଳରେ ୧୦ କ୍ୱିଣ୍ଟାଲ ଏବଂ ସଦର ଥାନା ଅଞ୍ଚଳରେ ୨୪୮ କିଲୋ ଜବତ ହୋଇଛି। ଏ ନେଇ ଗୋଚ୍ଛାପଡା ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ଫିରିଙ୍ଗିଆ ଥାନାରେ ୩ଟି ଓ ସଦର ଥାନାରେ ଗୋଟିଏ ମାମଲା ରୁଜୁ କରାଯାଇଛି। ତେବେ ଏହିସବୁ ମାମଲାରେ କେହି ଗିରଫ ହୋଇ ନାହାନ୍ତି। ଆଗକୁ ଏହି ଅଭିଯାନ ଅଧିକ ଜୋରଦାର କରାଯିବ ବୋଲି ଏସଡିପିଓ ମଲିକ ପ୍ରକାଶ କରିଛନ୍ତି।

# ପୁରୀ ରଥକାଠ ପାଇଁ ଘୁମୁସର ବନଖଣ୍ଡରେ ସ୍ୱତନ୍ତ୍ର ବନୀକରଣ ହେବ

## ଜଙ୍ଗଲ କର୍ମଚାରୀଙ୍କୁ ତାଲିମ, ବର୍ଷେ ହେବ ସର୍ଭେ

ଭଞ୍ଜନଗର,୫।୫(ବାବୁଲା ପ୍ରଧାନ)



ବୈଠକରେ ଉପସ୍ଥିତ କର୍ମଚାରୀ ।

ପ୍ରତି ୧୦ ବର୍ଷରେ ଥରେ ଜଙ୍ଗଲରେ କ'ଣ ସବୁ କାର୍ଯ୍ୟ ହେବ ତାହାର ଯୋଜନା ପ୍ରସ୍ତୁତ ହୁଏ। ୨୦୧୪-୧୫ରେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ୱାର୍କିଂ ପ୍ଲାନ ପକ୍ଷରୁ ସର୍ଭେ ହୋଇଥିଲା। ୧୦ବର୍ଷ ପରେ ପୁଣି ଚଳିତ ବର୍ଷ ସର୍ଭେ ହେବ। ୨୦୨୫ରୁ ୧୦ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏହାପୂର୍ବରୁ ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା। ଡିଏଫଓ ହିମାଂଶୁ ଶେଖର ମହାନ୍ତି ତାଲିମ ଶିବିର ଉଦ୍‌ଘାଟନ କରିଥିଲେ। ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ ସଭା ସଂଯୋଜନା କରିଥିଲେ । ଅବସରପ୍ରାପ୍ତ ଏସିଏଫ୍ ଭୀମସେନ ମହାରଣା, ଅବସରପ୍ରାପ୍ତ ଡିଏଫଓ ପ୍ରବୋଧ କୁମାର ନାୟକ ତାଲିମଦାତା ଭାବେ ଯୋଗଦେଇ ବିଭାଗୀୟ କର୍ମଚାରୀମାନଙ୍କ ଚଳିତ ବର୍ଷର କାର୍ଯ୍ୟ ସମ୍ପର୍କରେ କହିଥିଲେ। ବନ କର୍ମଚାରୀମାନେ ଜଙ୍ଗଲରେ କେତେ ପ୍ରକାର ଗଛ ଅଛି, ବିଭିନ୍ନ ବନ୍ୟପ୍ରାଣୀ, ଗ୍ରାମ୍ୟ ଜଙ୍ଗଲ, ରାଜସ୍ୱ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ, ବାଉଁଶ ଜଙ୍ଗଲ, ସର୍ଭେ ହୋଇ ନ ଥିବା ଜଙ୍ଗଲ ସର୍ଭେ କରିବେ । ହାତୀ ସୁରକ୍ଷା ପାଇଁ ବାଉଁଶ ଜଙ୍ଗଲରେ କୈଣସି ପରିବର୍ତ୍ତନ ହେବନାହିଁଆବଶ୍ୟକ ପଡ଼ିଲେ ବାଉଁଶ ଜଙ୍ଗଲ ବୃଦ୍ଧି କରାଯିବ । ପୁରୀ ରଥ କାଠ ପାଇଁ ଚଳିତବର୍ଷ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ସର୍ଭେ ହେବ । ଏହାପରେ ପୁରୀ ରଥ କାଠର ଆବଶ୍ୟକତା ମେଣ୍ଟାଇବା ପାଇଁ ନୂତନ ବନୀକରଣ ହେବ ବୋଲି ତାଲିମ ଶିବିରରେ ବକ୍ତାମାନେ ତାହା କହିଥିଲେ । ୱାର୍କିଂ ପ୍ଲାନ ବିଭାଗ ପକ୍ଷରୁ ଆଗାମୀ ୧୦ ବର୍ଷ ପାଇଁ ଏହି ବନଖଣ୍ଡରେ କ'ଣ ସବୁ କାର୍ଯ୍ୟ କରାଯିବ ତାହାର ରିପୋର୍ଟ ପ୍ରସ୍ତୁତ କରାଯିବ । ଉକ୍ତ ରିପୋର୍ଟକୁ ଆଧାର କରି ଜଙ୍ଗଲର ଉନ୍ନତି କାର୍ଯ୍ୟ ହେବ ।

# ଭାଜପାର ମଥୁରା ମଣ୍ଡଳସ୍ତରୀୟ ନିର୍ବାଚନୀ ବୈଠକ



ବୈଠକରେ ଉପସ୍ଥିତ ନେତା ଓ କର୍ମୀମାନେ।

ପୋଲସରା,୫।୫(ସୁବ୍ରତ ବେହେରା)

ପୋଲସରା ବ୍ଲକ ମଥୁରା ମଣ୍ଡଳସ୍ତରୀୟ ଭାଜପାର ସାଂଗଠନିକ ନିର୍ବାଚନୀ ବୈଠକ ମଣ୍ଡଳ ସଭାପତି ମହେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଘୁମୁସର ଜିଲା ସଭାପତି ତଥା ପୋଲସରା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ, ଉପସଭାପତି ପ୍ରଭାକର ପଣ୍ଡା, ଆସିକା ଏମ୍‌ପି ପ୍ରାର୍ଥିନୀ ଅନିତା ଶୁଭଦର୍ଶନୀ ପଟ୍ଟନାୟକ, ଆରତି ଦେବୀ, ଗୀତାଞ୍ଜଳି ନାୟକ, ପ୍ରତିମା ସାହୁ, ରିନା ରାଣୀ ଦେବୀ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ଅବଗତ କରିବା ସହିତ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟକଳାପକୁ ତୀବ୍ର ବିରୋଧ କରିଥିଲେ। ମୋଦି ସରକାରଙ୍କ ଡବଲ ଇଞ୍ଜିନ ସ୍ୱପ୍ନ ସାକାର କରିବା ପାଇଁ ଏମ୍‌ପି ପ୍ରାର୍ଥିନୀ ଅନିତା ଓ ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଇତିମଧ୍ୟରେ ବନ୍ଥପଲ୍ଲୀ ଓ ମଥୁରା ପଞ୍ଚାୟତର ଶତାଧିକ ଯୁବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରବିବାର ଭାଜପାରେ ସାମିଲ ହୋଇଛନ୍ତି। ଏହା ସହିତ ଭାବରଡ଼ା ପଞ୍ଚାୟତରେ ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ଓ କର୍ମୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି।

# ରାସ୍ତା ଖୋଳିଦେଲେ ଠିକାଦାର, ଲୋକେ ପକାଉଛନ୍ତି ପେଭର ବ୍ଲକ

ହିଞ୍ଜିଳିକାଟୁ,୫।୫(ଦ୍ୱିତୀକୃଷ୍ଣ ପଣ୍ଡା)



ହିଞ୍ଜିଳିକାଟୁ ପୌରାଞ୍ଚଳରେ ୨୪ ଘଣ୍ଟିଆ ପାଇପ ପାଣି ଯୋଗାଣ ପାଇଁ ପ୍ରକଳ୍ପର ନବୀକରଣ ହେଉଛି। ବିଭିନ୍ନ ସାହିରେ ପୁରୁଣା ଜଳ ଯୋଗାଣ ପାଇପ ବଦଳରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇପ ବିଛା ଚାଲିଛି। ଇତିମଧ୍ୟରେ ଠିକା ସଂସ୍ଥା ପୌରାଞ୍ଚଳର ବିଭିନ୍ନ ସାହି ରାସ୍ତାରେ ଏହି ନୂଆ ପାଇପ ଲାଇନ ବିଛାଇବା ପାଇଁ ରାସ୍ତା ଖୋଳିଚାଲିଛି। ତେବେ ପାଇପ ବିଛେଇବା ମାସ ମାସ ବିତିଯାଇଥିଲେ ମଧ୍ୟ ରାସ୍ତା ମରାମତି ହେଉନାହିଁ। ଫଳରେ ସାହି ବାସିନ୍ଦା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାନ ବାହାନ ଚଳାଚଳରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ବାରମ୍ବାର ଦାବି ସତ୍ତ୍ୱେ ଠିକା ସଂସ୍ଥା ରାସ୍ତା ପୁନଃନିର୍ମାଣ କିମ୍ବା ମରାମତି କରୁନାହିଁ। ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌର ପ୍ରଶାସନ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରୁନଥିବା ଓ ଲୋକଙ୍କ ସମସ୍ୟା ପ୍ରତି ନିଘା ନଥିଲା ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ଫଳରେ ସାହି ବାସିନ୍ଦା ଏବେ ନିଜେ ନିଜର ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି। ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ୱାର୍ଡ ନଂ ୧୩ ଅନ୍ତର୍ଗତ ଆଦର୍ଶ ସାହି ଜଗନ୍ନାଥ ମାର୍ଗରେ ପେଭର ବ୍ଲକ ତାଡ଼ି ପ୍ରାୟ ମାସେ ତଳେ ପାଇପ ବିଛା ଯାଇଥିଲା। ତେବେ ରାସ୍ତାର ମରାମତି ନ ହେବାରୁ ସାହି ବାସିନ୍ଦା ନିଜ ନିଜ ଘରର ସାମ୍ନାରେ ପେଭର ବ୍ଲକ ପକାଉଛନ୍ତି। ଆସନ୍ତା ୨୨ରେ ଏଠାରେ ନୃସିଂହ ଯାତ୍ରା ହେବ। ଜନ ଗହଳି ସହ ବନ୍ଧୁ ବାନ୍ଧବ ଘରକୁ ଆସିବେ। ତେଣୁ ସାହିର ମନୋରଞ୍ଜନ ସାହୁ, ବିଘ୍ନେଶ୍ୱର ସାହୁ, କାହ୍ନା ସାହୁ, ରଞ୍ଜନ ସାହୁ ଓ ସନ୍ଦିପ ବେହେରା ଓ ଅନ୍ୟ ବାସିନ୍ଦା ନିଜେ ନିଜ ଖର୍ଚ୍ଚରେ ଫେବର ବ୍ଲକ ପକାଉଛନ୍ତି। ଅନ୍ୟପକ୍ଷରେ ଠିକା ସଂସ୍ଥା ପାଇପ ଲାଇନ ବିଛାଇବା ପାଇଁ ସହରର ବହୁ ରାସ୍ତା ଖୋଳି ଦେଇଥିଲେ ମଧ୍ୟ ମରାମତି ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଭାଜପାର ମିଶ୍ରଣ ପର୍ବ

ଆସିକା,୫।୫(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଏହି ନିର୍ବାଚନମଣ୍ଡଳୀର ଖମ୍ବେଶ୍ୱରୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଦଳରୁ ବହୁ ପୂର୍ବତନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ବଡ଼ଖୋଲି ପୂର୍ବତନ ସରପଞ୍ଚ ପ୍ରତିନିଧି ଅଶ୍ୱିନୀ ପ୍ରଧାନ, ପୂର୍ବତନ ସମିତିସଭ୍ୟ ସନ୍ତୋଷ କୁମାର ସ୍ୱାଇଁ, କଂଗ୍ରେସର ପୂର୍ବତନ ଲୋକ ସଭା ଯୁବ କଂଗ୍ରେସ ସଭାପତି ତଥା କାଳକଣ୍ଠପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅନିଲ କୁମାର ପରିଡ଼ା, କୃଷ୍ଣ ଦାଶ, ପଞ୍ଚାନନ ବିଷୋୟୀ, ସୁବାସ ଚନ୍ଦ୍ର ଦୋରା, ଯୁବ ସଙ୍ଗଠକ ବାଦଲ ବିଶ୍ୱାଳ, ପପୁନୁ ପ୍ରଧାନ, ପିଣ୍ଟୁ ବିଷୋୟୀ, ଶ୍ରୀକାନ୍ତ ସ୍ୱାଇଁ, ଚନ୍ଦନ ସ୍ୱାଇଁ, ମନୋଜ ପ୍ରଧାନ, ଦିଲ୍ଲୀପ ନାୟକଙ୍କ ସମେତ ବହୁ ଯୁବ ସଂଗଠକ ଭାଜପାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ସ୍ୱାଇଁ, ଦୁର୍ଗାଚରଣ ପଟ୍ଟନାୟକ, କାଳୁଚରଣ ପ୍ରଧାନ, ସୁଶାନ୍ତ ନାହାକ, ସନ୍ତୋଷ ବିଶ୍ୱାଳ, ବିକି ପାତ୍ର, ବାଇନାଥ ପାତ୍ର, କାମେଶ୍ୱର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ଭାଜପା ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କ ମାରାଥନ ପ୍ରଚାର



ଭୋଟ ଭିକ୍ଷା କରୁଛନ୍ତି ଭାଜପା ପ୍ରାର୍ଥୀ।

ବୁଗୁଡା,୫।୫(କାଳିଚରଣ ଦାଶ)

ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ହଜାର ହଜାର ସମର୍ଥକଙ୍କ ସହ ରାଲିରେ ଯାଇ ନାମାଙ୍କନ ପତ୍ର ଦାଖଲ କରିବା ପରେ ତାଙ୍କର ପ୍ରଚାରକୁ ଜୋରଦାର କରିଛନ୍ତି। ସେ ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ଅନ୍ତର୍ଗତ ଭୋଗଡା, ମାଣିତରା, ମକରାପଲ୍ଲୀ, ସାପୁଆପଲ୍ଲୀ, କଣ୍ଡରେଇ ଆଦି ବିଭିନ୍ନ ଗ୍ରାମକୁ ଯାଇ ପଦ୍ମ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି ବୁଗୁଡ଼ା ବ୍ଲକ ଏ. କରଡାବାଡି ପଞ୍ଚାୟତ ଅନ୍ତର୍ଗତ ସୋରଡ, ବଣପଲ୍ଲୀ, ଆଶ୍ରମ ଓ କରଡାବାଡି ଗ୍ରାମକୁ ଯାଇ ଘର ଘର ବୁଲି ଗୋକୁଳାନନ୍ଦ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ଉଭୟ ପଞ୍ଚାୟତର ଗ୍ରାମବାସୀ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଉକ୍ତ ପ୍ରଚାର କାର୍ଯ୍ୟକ୍ରମରେ ଜିଲା ଭାଜପା ଉପସଭାପତି ପ୍ରଭାକର ପଣ୍ଡା, ବବୁଲ ନାୟକ, ସୁନୀଲ କୁମାର ପାଢୀ, ଆରତୀ ଦେବୀ, ଗଙ୍ଗାଧର ନାୟକ, ହରିକୃଷ୍ଣ ସାହୁ, ମଣ୍ଡଳ ଭାଜପା ସଭାପତି ଭଗବାନ ଜେନା, ରବୀନ୍ଦ୍ର କୁମାର ପ୍ରଧାନ, ମହେନ୍ଦ୍ର ପଣ୍ଡା, ଶାନ୍ତନୁ ନାୟକ, ରବୀନ୍ଦ୍ର କୁମାର ପରିଡ଼ା, ସନ୍ତୋଷ କୁମାର ଭୋଳଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତାଗଣ ଓ କର୍ମୀ ସାମିଲ ଥିଲେ।

# ସୁଲକ୍ଷଣାଙ୍କ ପାଇଁ ପ୍ରଚାର କଲେ ଭଉଣୀ ଶାନ୍ତିପ୍ରିୟା

ଧରାକୋଟ,୫।୫ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)



ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ପାଇଁ ତାଙ୍କ ଭଉଣୀ ଶାନ୍ତିପ୍ରିୟା ଗିତାଞ୍ଜଳି ପ୍ରଚାର କରୁଛନ୍ତି।

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ବିଜେଡିର ବିଧାୟିକା ପ୍ରାର୍ଥିନୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ପାଇଁ ତାଙ୍କ ଭଉଣୀ ତଥା ଧରାକୋଟ ରାଜଜେମା ଶାନ୍ତିପ୍ରିୟା ଗୀତାଞ୍ଜଳି ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ସେ ଗାଁ ଗାଁ ବୁଲି ଲୋକଙ୍କ ନିକଟରେ ପହଞ୍ଚି ଭଉଣୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ସାନଝିଅ ଶାନ୍ତିପ୍ରିୟା ରାୟପୁରସ୍ଥିତ ରାଜକୁମାର କଲେଜରେ ପଢୁଛନ୍ତି। ସେ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇ ବିଜେଡିର ଜନହିତକାରୀ ଯୋଜନା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ସାନଖେମୁଣ୍ଡି ବିଧାନସଭା କ୍ଷେତ୍ରର ସାମୁହିକ ବିକାଶ ଓ ଅଧୁରା ରହିଯାଇଥିବା କାର୍ଯ୍ୟ ସମ୍ପନ୍ନ ପାଇଁ ଭଉଣୀ ସୁଲକ୍ଷଣା ଗୀତାଞ୍ଜଳିଙ୍କୁ ଭୋଟ ଦେବାପାଇଁ ଲୋକଙ୍କୁ ନିବେଦନ କରିଥିଲେ। ଧରାକୋଟ ବ୍ଲକ ବଳରାମପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ରାଜଜେମା ଶାନ୍ତିପ୍ରିୟା ଗୀତାଞ୍ଜଳି ନିଜ ମା' ନନ୍ଦିନୀ ଦେବୀଙ୍କ ସହ ମିଶି ବିଜେଡି ସପକ୍ଷରେ ପ୍ରଚାର କରି ଭଉଣୀ ସୁଲକ୍ଷଣାଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଶାନ୍ତିପ୍ରିୟାଙ୍କୁ ଗାଁଗୁଡିକରେ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ମୋରମ ଚୋରା ଚାଲାଣ ବେଳେ ୨ ଟ୍ରାକ୍ଟର, ଜେସିବି ଜବତ

ଛତ୍ରପୁର, ୫।୫(ଦିଲ୍ଲୀପ ସାମଲ)

ବେଆଇନ ମୋରମ ଚୋରା ଚାଲାଣ ବେଳେ ୨ ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରିଛି ମାଇନିଂ ବିଭାଗ । ଶନିବାର ବିଳମ୍ବିତ ରାତ୍ରରେ ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ପାହାଡ଼ରୁ ବେଆଇନ ମୋରମ ଚାଲାଣ ହେଉଥିବା ବେଳେ ଖବର ପାଇ ମାଇନିଂ ବିଭାଗ ଚଢ଼ାଉ କରିଥିଲା । ସୂଚନାଥାଉ କି, ଦୀର୍ଘ ଦିନ ଧରି ସୁନ୍ଦରପୁର ପାହାଡ଼ରୁ ବେଆଇନ ମୋରମ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ତେବେ ଗତକାଲି ବିଳମ୍ବିତ ରାତିରେ ମାଇନିଂ ବିଭାଗ ଚଢ଼ାଉ କରିଥିଲା। ପରେ ଛତ୍ରପୁର ଥାନାରେ ଜିମା ଦିଆଯାଇଥିଲା।

# ଟାଏକୋଣ୍ଡୋ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର




ଆସିକା,୫।୫(ସୁରେନ୍ଦ୍ର ନାଥ ସାହୁ)

ଜିଲା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ବ୍ରହ୍ମପୁରଠାରେ ଅନୁଷ୍ଠିତ ବେଷ୍ଟ ବେଲ୍‌ଟରେ କୃତିତ୍ୱ ଅର୍ଜନ କରିଥିବା ଆସିକା ଟାଏକୋଣ୍ଡୋ ଆସୋସିଏଶନର ପ୍ରତିଯୋଗୀଙ୍କୁ ରବିବାର ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। ଆସିକା ଟାଉନହଲ ପଡ଼ିଆରେ ପ୍ରଶିକ୍ଷକ କାଳୁ ଚରଣ ନାହାକଙ୍କ ଦ୍ୱାରା ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୧୦ଜଣ କୃତୀ ପ୍ରତିଯୋଗୀଙ୍କୁ ଏହି ମାନପତ୍ର ଓ ବେଲ୍‌ଟ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଅଂଶୁମାନ୍ ହୋତା, ଅବନ୍ତିକା ଦାଶ, ଚିତ୍ରଲେଖା ନାହାକ, ଆୟୁଷ ବିଶ୍ୱାଳ, ତରୁଣ କୁମାର, ଏ. ଆଶୁତୋଷ ଆଚାରୀ, ସାଇ ସୁଦେଷ୍ଣା ପଟ୍ଟନାୟକ, ଡି. ନିଖିଲ ଆଚାରୀ, ବି. ଗ୍ରୀଷ୍ମାଶ୍ରୀ, ଲବିତ ପ୍ରଧାନ। ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଗ୍ରୀନ ବେଲ୍‌ଟ, ଗ୍ରୀନ ଷ୍ଟ୍ରିପ ବେଲ୍‌ଟ, ବ୍ଲୁ ବେଲ୍‌ଟ, ୟେଲୋ ବେଲ୍‌ଟ ଆଦି ହାସଲ କରିଥିଲେ।

# ଜିଲା ଭାଜପା ସଭାପତିଙ୍କ କଞ୍ଜୁରୁରେ ପ୍ରଚାର



ଭାଜପା ପ୍ରଚାରରେ ବିଧାୟକ ପ୍ରାର୍ଥୀ, ଜିଲା ସଭାପତି ଓ ଅନ୍ୟ ନେତୃମଣ୍ଡଳୀ।

ହିଞ୍ଜିଳିକାଟୁ, ୫।୫(ଦ୍ୱିତୀକୃଷ୍ଣ ପଣ୍ଡା)

ନବ ନିଯୁକ୍ତ ଭାଜପା ଘୁମୁସର ଜିଲା ସଭାପତି ବିଜୟ କୁମାର ସ୍ୱାଇଁ ଓ ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀ ଦଳୀୟ ପ୍ରାର୍ଥୀ ଶିଶିର ମିଶ୍ର ହିଞ୍ଜିଳିକାଟୁ ବ୍ଲକ କଞ୍ଜୁରୁ ପଞ୍ଚାୟତରେ ରବିବାର ପ୍ରଚାର କରିଛନ୍ତି। ମୋଦି ଗ୍ୟାରେଣ୍ଟି ଓ ରାଜ୍ୟର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ଗଠନ ଆବଶ୍ୟକ ବୋଲି ସେ ମତ ରଖିଥିଲେ। ଏକଦା ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଥିବା ବିଜୟ ସ୍ୱାଇଁଙ୍କୁ କଲେଜର ପୁରାତନ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ଜଣାଇଥିଲେ। ଅନ୍ୟପକ୍ଷରେ ଜିଲା ସଭାପତି ସ୍ୱାଇଁ ଶେରଗଡ଼ଠାରେ ଏକ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ପରେ ଏକ ବାଇକ୍ ରାଲି ହୋଇଥିଲା। ଏଥିରେ ଜିଲା ଉପସଭାପତି ମାଧବ ଗୌଡ, ଇଂ. ଅନ୍ତର୍ଯ୍ୟାମୀ ପାତ୍ର, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖଙ୍କ ସହ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

# ବିଜେଡିରେ ମିଶିଲେ ସିପିଆଇଏମ୍, ଭାଜପା କର୍ମୀ

ଗଞ୍ଜାମ,୫।୫(ବିଦ୍ୟାଧର ସାହୁ)




ବିଜେଡିରେ ସାମିଲ ହୋଇଥିବା କର୍ମୀ ।

ଛତ୍ରପୁର ନିର୍ବାଚନ ମଣ୍ଡଳୀ ଗଞ୍ଜାମ ବ୍ଲକର ତିନି ପଞ୍ଚାୟତ ତଥା ରାମଗଡ଼, ପାଲଙ୍ଗ ଓ ସାନ ରାମଚନ୍ଦ୍ରପୁର ପଞ୍ଚାୟତର କମ୍ୟୁନିଷ୍ଟ ଓ ଭାଜପା ଆଗଧାଡିର ଶତାଧିକ ଦଳୀୟ ନେତା ଓ କର୍ମୀ ରବିବାର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। ଏହି ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ବେହେରା ରାମଗଡ଼, ସୁବଳୟା, ଝରେଡି ରାଧାଗୋବିନ୍ଦପୁରର ବିଭିନ୍ନ ଗ୍ରାମରେ ପ୍ରଚାର କରିବା ବେଳେ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସେମାନେ ଦଳରେ ମିଶିଥିଲେ ବୋଲି କହିଛନ୍ତି। ରାମଗଡ଼ ପଞ୍ଚାୟତ ଅରୁଣପୁର ଗ୍ରାମସ୍ଥିତ ମା' ଚାମୁଣ୍ଡା ମନ୍ଦିର ପ୍ରାଙ୍ଗଣରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଧାୟକ ବେହେରା, ଶ୍ରମିକ ନେତା ଶଙ୍କର ଦାସ, ଗଞ୍ଜାମ ବ୍ଲକ ସଭାପତି ଇନ୍ଦ୍ରମଣି ଦଳାଇ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗ୍ୟ ରେଡ୍ଡୀ, ବ୍ଲକ ସମ୍ପାଦକ ଉମା ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ଜିଲା ଉପସଭାପତି ଶିବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପାଲଙ୍ଗ ପଞ୍ଚାୟତ ସିପିଆଇଏମ୍‌ର ସତ୍ୟ ପ୍ରଧାନ, ସୁମୁନାଥ ପ୍ରଧାନ, ଭାଜପାର ଶିଶିର ପ୍ରଧାନ, ପ୍ରଦୀପ ପ୍ରଧାନ, ପ୍ରଭାକର ପ୍ରଧାନ, ସାନ ରାମଚନ୍ଦ୍ରପୁରର ସରପଞ୍ଚ ମନୋଜ ବେହେରାଙ୍କ ନେତୃତ୍ୱରେ ଦଣ୍ଡପାଣି ବେହେରା, ତ୍ରିନାଥ ବେହେରା, ଉମାକାନ୍ତ ବେହେରା, ଗଣେଶ ବେହେରା, ଚିତ୍ରସେନ ବେହେରା, ୱାର୍ଡ ସଭ୍ୟ ବିକାସ କୁମାର ନାହାକ, ଶିବରାମ ନାହାକ, ବସନ୍ତ କୁମାର ଦାସ, ଚନ୍ଦ୍ରମୋହନ ବେହେରା, ପ୍ରସନ୍ନ କୁମାର ବେହେରା ଓ ରାମଗଡ଼ ପଞ୍ଚାୟତର ମୁନା ପଲାଇ, ସୁଶାନ୍ତ କୁମାର ତରାଇ, ଅଭିରାମ ଦଳାଇ, ବିକାଶ ଗୌଡ଼, ଗୁଲୁ ତରାଇ, ବାବୁଲା ଗୌଡ଼, ଜିତୁନ ଦଳାଇ, ରମେଶ ଚନ୍ଦ୍ର ଦଳାଇ, କାନ୍ତରି ବାରିକି ପ୍ରମୁଖଙ୍କୁ ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ତାଙ୍କୁ ଦଳୀୟ ଉପଢୌକନ ପ୍ରଦାନ କରି ବିଜେଡିରେ ସାମିଲ କରିଥିଲେ।

## ସଂକ୍ଷେପରେ

### ବଡ଼ଭାଇଙ୍କ ଘରୁ ଟଙ୍କା ଚୋରି, ମଝିଆ ଗିରଫ

ବ୍ରହ୍ମପୁର,୫।୫(ସୁବାସ ଚନ୍ଦ୍ର ପାଢ଼ୀ)

ନିଜ ଭାଇଙ୍କ ଘରୁ ୫୦ ହଜାର ଟଙ୍କା ଚୋରି କରିବା ଏବଂ ଆକ୍ରମଣ କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଫୁଲଟା ଗ୍ରାମର ବିଜୁ ପ୍ରଧାନ। ୨ଦିନ ତଳେ ଫୁଲଟା ଗ୍ରାମର ଅଜୟ ପ୍ରଧାନ ନିଜ ପଡିଶା ଘରକୁ ଯାଇଥିବା ବେଳେ ତାଙ୍କ ବଡଭାଇ ଘରେ କିଛି ଶବ୍ଦ ହେଉଥିବା ଶୁଣିଥିଲେ। ସେ ସେଠାକୁ ଯିବାରେ ମଝିଆ ଭାଇ ବିଜୁ ଏକ ହାତୁଡିରେ ତାଲା ଭାଙ୍ଗି ଟଙ୍କା ନେଇ ଯାଉଥିବା ଦେଖିଥିଲେ । ଅଜୟ ପ୍ରତିବାଦ କରିବାରୁ ବିଜୁ ତାଙ୍କୁ ଗାଳିଗୁଲଜ କରିବା ସହ ତଣ୍ଟି ଚିପିବାକୁ ଉଦ୍ୟମ କରିଥିଲେ । ଘଟଣା ସମ୍ପର୍କରେ ଅଜୟ ନିଜ ବଡଭାଇଙ୍କୁ ଜଣାଇବା ସହ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ପ୍ରକାରେ ନଂ ୧୩୯/୨୪ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ବିଜୁଙ୍କୁ ଗିରଫ କରିଥିଲା ।

### ଅଧ୍ୟାପିକା ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବ୍ରହ୍ମପୁର,୫।୫(ଅଶୋକ କୁମାର ସାହୁ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏକାଡେମିକ ଏବଂ ଆଡମିନିଷ୍ଟ୍ରେଟିଭ ଡେଭଲପମେଣ୍ଟ ସେଣ୍ଟର, କମ୍ପ୍ୟୁଟର ବିଜ୍ଞାନ ବିଭାଗ ଓ ଆସୋସିଏଶନ ଅଫ ଇଣ୍ଡିଆନ ୟୁନିଭରସିଟିସ ଆନୁକୁଲ୍ୟରେ କମ୍ୟୁନିଟି ସାଇନ୍ସରେ ଆପ୍ଲାଏଡ ରିସର୍ଚ ପଦ୍ଧତି ଉପରେ ଚାଲିଥିବା ୬ ଦିନିଆ ଅଧ୍ୟାପିକା ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୋଡାଲ ଅଫିସର ଡକ୍ଟର ମୃତ୍ୟୁଞ୍ଜୟ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ସସ୍ମିତା ବେହେରା ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ଅନୀତା ପାଣ୍ଡେ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଗୃହ ବିଜ୍ଞାନ ବିଭାଗ ଅଧ୍ୟାପିକା ମାନସୀ ମେହେର ଧନ୍ୟବାଦ ଦେଇଥିଲେ। ପିଜି କାଉନସିଲର ଚେୟାରମ୍ୟାନ ପ୍ରଫେସର ସୁଶାନ୍ତ କୁମାର ବରାଳ କାର୍ଯ୍ୟକ୍ରମର ପୃଷ୍ଠପୋଷକ ଥିଲେ।

### ବରିଷ୍ଠ ଲେଖିକାଙ୍କ ପରଲୋକ

ବ୍ରହ୍ମପୁର,୫।୫(ସ୍ମୃତି ରଞ୍ଜନ ମହାଲିକ)

ବରିଷ୍ଠ ଲେଖିକା ପୁଷ୍ପାଞ୍ଜଳି ପଟ୍ଟନାୟକ (୭୪)ଙ୍କର ରବିବାର ବ୍ରହ୍ମପୁର ଗଜପତି ନଗର ୭ମ ଲେନ୍‌ସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଦକ୍ଷିଣ ଓଡ଼ିଶାର ପ୍ରଥମ ରେକି ଗୁରୁ ଥିଲେ । ୨୦୨୧ରେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ ପାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ କଳାକୃତି ପ୍ରସ୍ତୁତ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ସେ ଏକାଧାରାରେ ଜଣେ ସୁଗୃହିଣୀ, ସୁସଂଗଠିକା, ସୁଲେଖିକା, ଚିତ୍ରଶିଳ୍ପୀ, ଅଭିନେତ୍ରୀ, ନାଟ୍ୟ ନିର୍ଦ୍ଦେଶିକା, ରେକି ସାଧିକା ଭାବେ ପରିଚିତ ଥିଲେ। ପୋଲସରା ନିକଟ ସାନବରଗାଁରେ ତାଙ୍କ ଜନ୍ମ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସୁଲେଖକ ମହେନ୍ଦ୍ର ପଟ୍ଟନାୟକଙ୍କ ପୁତ୍ରବଧୂ ତଥା କ୍ରୀଡ଼ାବିତ ଓ ଶିକ୍ଷାବିତ ଶିବ ପ୍ରସାଦ ପଟ୍ଟନାୟକଙ୍କ ପତ୍ନୀ ପୁଷ୍ପାଞ୍ଜଳି ୩୬ଟି ପୁସ୍ତକ ଲେଖିଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ବଡ଼ ଝିଅଙ୍କ ରବୀନ୍ଦ୍ରନାଥ ପଟ୍ଟନାୟକ ଓ ବଡ଼ଝିଅ ସରିତା ପଟ୍ଟନାୟକଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ମିଳୁନି ଔଷଧ, କଳବଳ ରୋଗୀ

ବ୍ରହ୍ମପୁର,୫।୫(ସୁବାସ ଚନ୍ଦ୍ର ପାଢ଼ୀ)

**ଯକ୍ଷ୍ମା କବଳରେ ଗଞ୍ଜାମ**
- ୩ ବର୍ଷରେ ଚିହ୍ନଟ ହେଲେଣି ୧୮ ହଜାର ୬୬୯

ଗଞ୍ଜାମ ଜିଲାରେ ଏଡ୍‌ସ ପରେ ଯକ୍ଷ୍ମା ରୋଗ ଲୋକଙ୍କ ମନରେ ଭୟ ସୃଷ୍ଟି କଲାଣି। ଏବେ ଯକ୍ଷ୍ମା ପାଇଁ ଯୋଗାଣ ହେଉଥିବା ସରକାରୀ ମାଗଣା ଔଷଧ ଆବଶ୍ୟକ ଅନୁସାରେ ମିଳୁନାହିଁ। ତେଣୁ ରୋଗୀଙ୍କ ଜୀବନ ମୁରଣମୁହଁକୁ ଠେଲି ହୋଇଯାଇଛି। ଯକ୍ଷ୍ମା କବଳରେ ରହିଥିବା ଗଞ୍ଜାମ ଜିଲାରେ ଗତ ୩ବର୍ଷ ମଧ୍ୟରେ ୧୮ହଜାର ୬୬୯ ରୋଗୀ ଚିହ୍ନଟ ହୋଇ ସାରିଲେଣି। ଯକ୍ଷ୍ମା ରୋଗୀଙ୍କୁ ସରକାରଙ୍କ ତରଫରୁ ପ୍ରତିମାସରେ ମାଗଣାରେ ଔଷଧ ଦିଆଯାଉଥିଲା। ହେଲେ କେନ୍ଦ୍ର ସରକାରଙ୍କ ତରଫରୁ ଔଷଧ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଆବଶ୍ୟକ ଅନୁସାରେ ଔଷଧ ମିଳୁନି। ଜରୁରୀକାଳୀନ ପରିସ୍ଥିତିରେ ଜିଲାରେ ବିଭିନ୍ନ କମ୍ପାନୀରୁ ଔଷଧ କିଣି ରୋଗୀଙ୍କୁ ଦିଆଯାଉଛି। ହେଲେ ପୂର୍ବରୁ ଯେଉଁ ରୋଗୀ ଗୋଟିଏ ଟାବଲେଟରେ ବିଭିନ୍ନ କମ୍ପୋଜିସନ ପାଉଥିଲେ ଏବେ ତାହା ମିଳିପାରୁ ନ ଥିବାରୁ ସେମାନଙ୍କୁ ୧୦/୧୨ଟି ଟାବଲେଟ ଖାଇବାକୁ ପଡୁଥିବା ଜଣେ ଅଧିକାରୀ କହିଛନ୍ତି।

ଗଞ୍ଜାମ ଜିଲାରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଯକ୍ଷ୍ମା ରୋଗୀ ଚିହ୍ନଟ ହେଉଛନ୍ତି। ଏହାର ଏକ ପ୍ରମୁଖ କାରଣ ହେଉଛି ଦାଦନ ସମସ୍ୟା। ଯେଉଁ ରୋଗୀ ଏଚଆଇଭି ଆକ୍ରାନ୍ତ ହେଉଛନ୍ତି ତାଙ୍କୁ ଯକ୍ଷ୍ମା ହେବାର ୭୦ ପ୍ରତିଶତ ଆଶଙ୍କା ରହିଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ଏହି ରୋଗ ମାଡ଼ି ବସିଥାଏ। ସେହିପରି ଆକ୍ରାନ୍ତ ବ୍ୟକ୍ତିଙ୍କ କାଶ, ଛିଙ୍କ ଦ୍ୱାରା ମଧ୍ୟ ଯକ୍ଷ୍ମା ବ୍ୟାପିଥାଏ। ଠିକ ସମୟରେ ଚିକିତ୍ସା କରାଗଲେ ରୋଗୀଙ୍କ ଜୀବନ ରକ୍ଷା ସମ୍ଭବ। ତଥାପି ଜିଲାରେ ପ୍ରତିବର୍ଷ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ଜିଲାର ଖଲ୍ଲିକୋଟ, କୋଦଳା, ପୋଲସରା, ଭଞ୍ଜନଗର, ଛତ୍ରପୁର, ଜଗନ୍ନାଥପ୍ରସାଦ, ଆସିକା ଆଦି ବ୍ଲକରୁ ଅଧିକ ଯକ୍ଷ୍ମା ରୋଗୀ ଚିହ୍ନଟ ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ ଜିଲାରେ ୨୦୨୧ରେ ୫,୬୦୦ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୨୨ରେ ୬,୪୮୦ ଓ ୨୦୨୩ରେ ୬,୫୮୯ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଯକ୍ଷ୍ମା ନିରାକରଣ ପାଇଁ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ବହୁ ଯୋଜନା ହାତକୁ ନିଆଯାଉଛି। ମାଗଣାରେ ବିଭିନ୍ନ ପ୍ରକାର ପରୀକ୍ଷା କରାଯାଇ ଚିକିତ୍ସା ସୁବିଧା ପ୍ରଦାନ କରାଯାଉଛି। ମାଗଣାରେ ଔଷଧ ପ୍ରଦାନ ବ୍ୟବସ୍ଥା କରାଯାଇଛି। ପୁଷ୍ଟିକର ଖାଦ୍ୟ ବାବଦକୁ ମାସିକ ୫ଶହ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଗତ କିଛିଦିନ ହେଲା ସରକାରୀ ଔଷଧ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ରୋଗୀ ନାନା ହଇରାଣ ହେଉଛନ୍ତି। ଗଞ୍ଜାମ ସମେତ ବିଭିନ୍ନ ଜିଲାରେ ଏଭଳି ସମସ୍ୟା ଦେଖାଦେଇଛି। ବର୍ଷବର୍ଷ ଧରି କେନ୍ଦ୍ର ସରକାର ମାଗଣା ଯକ୍ଷ୍ମା ଔଷଧ ଯୋଗାଉଥିବାରୁ ତାହା ଘରୋଇ ଔଷଧ ଦୋକାନରେ ପର୍ଯ୍ୟାପ୍ତ ପରିମାଣରେ ରହୁନାହିଁ। ତେଣୁ ରୋଗୀ ଚାହିଁଲେ ବି ସେହି ଔଷଧ କ୍ରୟ କରିପାରୁ ନାହାନ୍ତି। ତେଣୁ ରୋଗୀମାନେ ନାନା ଅସୁବିଧାରେ ରହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ଶଶିକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିଳାଙ୍କୁ ସଶକ୍ତ କରୁଛି ଟିପିଏସ୍‌ଓଡିଏଲ୍



ପ୍ରଶିକ୍ଷଣ ନେଉଥିବା ମହିଳା।

ବ୍ରହ୍ମପୁର,୫।୫(ସ୍ମୃତି ରଞ୍ଜନ ମହାଲିକ)

ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଜୀବିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକରେ ମହିଳାଙ୍କ ସାମାଜିକ, ଅର୍ଥନୈତିକ ବିକାଶ ଓ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ହାୱାଇ ଚପଲ ତିଆରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅତ୍ୟାବଶ୍ୟକ ଦକ୍ଷତା, ଜ୍ଞାନ ଓ ସମ୍ବଳ ଯୋଗାଇଛି। ପାଂଟିସ, ଓଏଲଏମ (ଓଡିଶା ଜୀବିକା ମିଶନ) ଓ ୟୁନିସେଫ ସହଯୋଗରେ ମହିଳାଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ। ହାୱାଇ ଚପଲ ତିଆରିରେ ଦକ୍ଷତା ପ୍ରଦାନ ତଥା ବ୍ୟବସାୟ ପରିଚାଳନା ଓ ଉଦ୍ୟୋଗ ଉପରେ ମଡ୍ୟୁଲ ପ୍ରଦାନ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ କ୍ଷୁଦ୍ର ଏବଂ ମଧ୍ୟମ ଆକାରର ଉଦ୍ୟୋଗରେ ପରିଣତ କରିବାକୁ କମ୍ପାନୀ ଚେଷ୍ଟା କରୁଛି। ଓଡିଶା ଜୀବିକା ମିଶନ ଜରିଆରେ ଉତ୍ପାଦନ ୟୁନିଟ ପ୍ରତିଷ୍ଠାରେ ଆବଶ୍ୟକ ହେଉଥିବା ସମ୍ବଳ ଓ ପାଣ୍ଠି ସଂଗ୍ରହ ପାଇଁ ଟିପିଏସଓଡିଏଲ ପ୍ରତିଶ୍ରୁତି ବଦ୍ଧ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଉତ୍ପାଦନ ୟୁନିଟର ପ୍ରତ୍ୟେକ ମହିଳା ମାସକୁ ଅତି କମରେ ୧୦ରୁ ୧୨ ହଜାର ଟଙ୍କା ରୋଜଗାର କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ମାର୍କେଟ ଲିଙ୍କେଜ ପାଇଁ କମ୍ପାନୀ ଏକ ସ୍ୱତନ୍ତ୍ର ପ୍ଲାନ ମଧ୍ୟ ପ୍ରସ୍ତୁତ କରିଛି। ଟିପିଏସଓଡିଏଲ ବିଭିନ୍ନ ଅଫଲାଇନ ଓ ଅନଲାଇନ ମାଧ୍ୟମରେ ଉତ୍ପାଦର ବ୍ରାଣ୍ଡିଂ, ମାର୍କେଟିଂ ଓ ଲଞ୍ଚିଂରେ ସହଯୋଗ ପ୍ରଦାନ କରିବ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ସୁମିତ୍ରା ନାୟକ କହିଛନ୍ତି, ଏହା ଏକ ନୂଆ ଆରମ୍ଭ। ଟିପିଏସଓଡିଏଲ ଆମକୁ ପ୍ରଶିକ୍ଷଣ ଦେବା ସହ ଏହି ଉତ୍ପାଦନ ୟୁନିଟ ପ୍ରତିଷ୍ଠା ପାଇଁ ସମସ୍ତ କାର୍ଯ୍ୟ ପରିଚାଳନା କରୁଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଜୀବିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ କେବଳ ଦକ୍ଷତା ପ୍ରଦାନ କରାଯାଉ ନାହିଁ। ବରଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରୁଛୁ ବୋଲି ସେ କହିଛନ୍ତି।

## ମଙ୍ଗଳବାର ହିଞ୍ଜିଳିରେ ପ୍ରଚାର କରିବେ ପାଣ୍ଡିଆନ

ହିଞ୍ଜିଳିକାଟୁ,୫।୫(ଦ୍ୱିତୀକୃଷ୍ଣ ପଣ୍ଡା)

ଆସନ୍ତା ମଙ୍ଗଳବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରେ ପ୍ରଚାର ପାଇଁ ଆସିବେ ଷ୍ଟାର ପ୍ରଚାରକ ତଥା ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ଶେରଗଡ଼ରେ କାର୍ଯ୍ୟକ୍ରମ ସାରି ସେ ସମରଝୋଳ ହ୍ୟାଲିପାଡରେ ଅବତରଣ କରିବେ। ହିଞ୍ଜିଳିକାଟୁଠାରେ ରୋଡ୍ ସୋ'ରେ ଭାଗ ନେବା ସହ ଦଳୀୟ ନେତାଙ୍କ ସହ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା କରିବେ। ଆଙ୍କୋରଡା ଓ ଅନ୍ୟାନ୍ୟ ଅଞ୍ଚଳକୁ ରାଲିରେ ଯାଇ ଅପରାହ୍ନ ୨ ଟାରେ ନୃସିଂହ ମନ୍ଦିରଠାରେ ଜନସଭାରେ ଯୋଗଦେବେ। ସେଠାରୁ ନୂଆଗଡ, ହିଞ୍ଜିଳିର ବିଭିନ୍ନ ୱାର୍ଡରେ ରାଲି କରିବା ସହ ପଥପ୍ରାନ୍ତ ସଭାରେ ଯୋଗଦେବେ। ହିଞ୍ଜିଳିକାଟୁ ମ୍ୟୁନିସିପାଲଟି କାର୍ଯ୍ୟକ୍ରମ ସାରି ତାରାତାରିଣୀ ରୋଡରେ ଶିକିରି, ରାଳବ ଦେଇ ଅପରାହ୍ନ ସାଢ଼େ ୪ଟାରେ ଶାସନଆମ୍ବଗାଁରେ ଜନସଭାରେ ଯୋଗଦେବେ। ସେଠାରୁ ଧୋବାଡି ପାଟପୁର ଓ ଅନ୍ୟାନ୍ୟ ଅଞ୍ଚଳ ଦେଇ କଞ୍ଚୁରୁଠାରେ ସାଧାରଣ ସଭାରେ ଯୋଗଦେବେ। ସେଠାରୁ ବ୍ରହ୍ମପୁର ଅଭିମୁଖେ ପ୍ରଚାର ପାଇଁ ଯିବେ। ତାଙ୍କ ଗସ୍ତକୁ ନେଇ ଦଳୀୟ ନେତା ଓ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି।

## ବ୍ରହ୍ମପୁର ବିଧାନସଭା ଆସନରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା

ବ୍ରହ୍ମପୁର,୫।୫(ନରସିଂହ ସାହୁ)

ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ଶଙ୍ଖ-ପଦ୍ମ ମଧ୍ୟରେ ତୀବ୍ର ପ୍ରତଦ୍ୱନ୍ଦ୍ୱିତା ଚାଲିଛି। ଆସନ୍ତା ୧୩ ତାରିଖରେ ମତଦାନ ହେବ। ଏହା ପୂର୍ବରୁ ଶନିବାର ଅପରାହ୍ନରେ ଖୋଲା ପ୍ରଚାର ବନ୍ଦ ହେବ । ତେଣୁ ମଇଦାନକୁ ଓହ୍ଲାଇଥିବା ୧୭ ପ୍ରାର୍ଥୀଙ୍କ ଭୋଟ ପ୍ରଚାର ଜୋରଦାର ଚାଲିଛି। ତେବେ ବିଜେଡି ଓ ଭାଜପା ପ୍ରଚାର ରୋଚକ ହୋଇଛି। ବିଜେଡି ଗଡ଼ ହୋଇଥିବା ବ୍ରହ୍ମପୁରକୁ ଛଡ଼ାଇ ନେବାକୁ ଭାଜପା ନିରନ୍ତର ପ୍ରୟାସ କରୁଛି। ପୁନରୁଦ୍ଧାର ଓ ପୁନଃ ନିର୍ମାଣ ପାଇଁ ଅନେକ ପୋଖରୀ ଶୁଖାଇ ଦିଆଯାଇଛି। ଶୁଖିଲା ପୋଖରୀରେ ପଦ୍ମ ଫୁଟାଇବାକୁ ଭାଜପା ରଣନୀତି ପ୍ରସ୍ତୁତ କରୁଛି। ରାଜ୍ୟ ଓ କେନ୍ଦ୍ର ନେତା ଘନ ଘନ ଗସ୍ତ କରୁଛନ୍ତି। ଗତ ୨୮ ତାରିଖରେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି, ନଡ୍ଡା ଆସିବା ପରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସିବେ। ତେଣୁ କର୍ମୀ ଓ ନେତାଙ୍କ ମନୋବଳ ବଢ଼ିଛି ଏବଂ ନିର୍ବାଚନୀ ଇତିହାସରେ ପ୍ରଥମ କରି ଭାଜପା ବ୍ରହ୍ମପୁର ଦେଖିବାର ଆଶା ରଖାଯାଇଛି।

ସେହିପରି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ନିର୍ବାଚନରେ ୧ ନଂ ଷ୍ଟାର ପ୍ରଚାରକ ଭାବେ ଆସନ୍ତା ୯ ତାରିଖରେ ବ୍ରହ୍ମପୁର ଆସିବେ ଏବଂ ମହାନଗରବାସୀଙ୍କୁ ଭୋଟ ମାଗିବାର ଶଙ୍ଖ ଦଳ ପକ୍ଷରୁ କାର୍ଯ୍ୟକ୍ରମ ରହିଛି। ଭାଜପା ବିଧାୟକ ପ୍ରାର୍ଥୀ ପ୍ରଥମ କରି ନିର୍ବାଚନକୁ ଓହ୍ଲାଇଛନ୍ତି। ତାଙ୍କ ପ୍ରଚାରରେ ରେଶମ ନଗରବାସୀଙ୍କୁ ମୌଳିକ ସମସ୍ୟା ସମାଧାନରେ ବିଜେଡି ସରକାର ବିଫଳ ହୋଇଥିବା ଅଭିଯୋଗ କରୁଛନ୍ତି। ୫ ବର୍ଷ ତଳେ ବିଏମସି ଆଖିବୁଜା ଭାବେ ବଢ଼ାଇଥିବା ଘର ଟିକସକୁ କେ. ଅନୀଲ କୁମାର ପ୍ରସଙ୍ଗ କରିଛନ୍ତି। ତାଙ୍କୁ ଜିତାଇ ରାଜ୍ୟରେ ଭାଜପା ସରକାର ହେଲେ ବର୍ଦ୍ଧିତ ଟିକସ ପ୍ରତ୍ୟାହାର କରାଯିବାର ପ୍ରତିଶ୍ରୁତି ଦେଇ ଭୋଟ ମାଗୁଛନ୍ତି।

ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ରମେଶ ଚ୍ୟାଉ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଶାସନ ଓ ତାଙ୍କ ଅମଳରେ ହୋଇଥିବା ବହୁମୁଖୀ ବିକାଶର ଚିତ୍ର ବାଣ୍ଟୁଛନ୍ତି ଏବଂ ଆଉଥରେ ବିଧାନସଭାକୁ ପଠାଇବା ଲାଗି ପ୍ରଚାର ବେଳେ ନିବେଦନ କରୁଛନ୍ତି। ଯଦି ଜିତିବେ ଆଉ କ'ଣ ବିକାଶ କରିବେ ତାହା ଅସ୍ପଷ୍ଟ ରଖୁଛନ୍ତି। କଂଗ୍ରେସ ସମେତ ଅନ୍ୟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ପ୍ରଚାରରେ ପଛରେ ପଡ଼ିନାହାନ୍ତି। ରବିବାର ମୁଣ୍ଡ ଫଟା ଖରା ଓ ଅସହ୍ୟ ତାତିରେ ମଧ୍ୟ ସମସ୍ତଙ୍କ ପ୍ରଚାର ଘମାଘୋଟ ହୋଇଥିଲା।

## ନିରାମୟ ଜୀବନ ପାଇଁ ହସ ଆବଶ୍ୟକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୫।୫(ଅଶୋକ କୁମାର ସାହୁ)

ସ୍ଥାନୀୟ ବାବାଜୀ ତୋଟା ସାହି ନିକଟରେ ଅର୍ଜୁନ ହସ କ୍ଲବ ପକ୍ଷରୁ ରବିବାର ବିଶ୍ୱ ହସ ଦିବସ ପାଳିତ ହୋଇଛି। କ୍ଲବ ସଭାପତି ସୀମାଞ୍ଚଳ ପ୍ରସାଦ ବିଷୋୟୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମକେସିଜି ଭେଷଜ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ନିହାର ରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରି ନିରାମୟ ଜୀବନ ପାଇଁ ହସ ଓ ଯୋଗ ଆବଶ୍ୟକ ବୋଲି କହିଥିଲେ। ସାଧାରଣ ସମ୍ପାଦକ ଡା. ସମରେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି କ୍ଲବର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥ ଓ କ୍ଲବର ୪ ବୟୋଜ୍ୟେଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପିଇଓ ଚାକିରି କରାଇଦେବା ନାଁରେ ୨ ଲକ୍ଷ ଠକେଇ

ବ୍ରହ୍ମପୁର,୫।୫(ସୁବାସ ଚନ୍ଦ୍ର ପାଢ଼ୀ)

ପଞ୍ଚାୟତକାର୍ଯ୍ୟନିର୍ବାହୀଅଧିକାରୀ(ପିଇଓ) ଚାକିରି କରାଇଦେବା ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଛି। ଏକ ଦମ୍ପତି ମିଥ୍ୟା ପ୍ରତିଶ୍ରୁତି ଦେଇ ଏହି ଠକେଇ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପରେ ଘଟଣାକୁ ନେଇ ନିମଖଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି ।

ସିଦ୍ଧାର୍ଥନଗର ୫ମ ଲାଇନରେ ରହୁଥିବା ପ୍ରବୀଣ କୁମାର ଶତପଥୀଙ୍କ ଘରେ ଜଣେ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀ ଭଡାରେ ରହୁଥିଲେ। ପ୍ରବୀଣଙ୍କ ସହ ଦମ୍ପତିଙ୍କ ଉତ୍ତମ ଥିଲା । ପରବର୍ତ୍ତୀ ସମୟରେ ଏହି ଦମ୍ପତି ବ୍ୟାଙ୍କ କଲୋନୀ ପ୍ରଥମ ଲାଇନକୁ ସ୍ଥାନାନ୍ତର ହୋଇଯାଇଥିଲେ। ହେଲେ ପୂର୍ବ ଘର ମାଲିକ ତଥା ପ୍ରବୀଣଙ୍କ ପରିବାର ସହ ଦମ୍ପତି ଭଲ ସମ୍ପର୍କ ରଖି ଆସୁଥିଲେ। ଗତବର୍ଷ ମେ ମାସରେ ଏହି ଦମ୍ପତି ପ୍ରବୀଣଙ୍କ ଭଉଣୀ ପାଇଁ ପିଇଓ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କର ଓଏସଏସଏସସିରେ ପରିଚୟ ରହିଛି। ଲାଞ୍ଚ ଦେଇ ଏହି ସରକାରୀ ଚାକିରି କରାଇଦେବେ ବୋଲି କହିଥିଲେ । ଆଉ ଏଥିପାଇଁ ୮ ଲକ୍ଷ ଟଙ୍କା ଦେବାକୁ ପଡିବ ବୋଲି ମଧ୍ୟ ଜଣାଇଥିଲେ। ଅଗ୍ରୀମ ବାବଦକୁ ୫ ଲକ୍ଷ ଟଙ୍କା ଏବଂ ସରକାରୀ ଚାକିରି ହେଲା ପରେ ଆଉ ୩ ଲକ୍ଷ ଦେବାକୁ ପଡିବ ବୋଲି କହିଥିଲେ । ହେଲେ ପ୍ରବୀଣଙ୍କ ପରିବାର ଲୋକେ ଅଗ୍ରୀମ ବାବଦକୁ ୨ ଲକ୍ଷ ଟଙ୍କା ଦେଇଥିଲେ ଏବଂ ଚାକିରି ହେବା ପରେ ବଳକା ଟଙ୍କା ଦେବେ ବୋଲି କହିଥିଲେ। ସେହିକ୍ରମରେ ପ୍ରବୀଣଙ୍କ ଭଉଣୀ ଓଏସଏସଏସସି ଦ୍ୱାରା ଆୟୋଜିତ ପିଇଓ ପରୀକ୍ଷା ପାଇଁ ଆବେଦନ କରିବା ସହ ନିର୍ଦ୍ଧାରିତ ତାରିଖରେ ପରୀକ୍ଷା ଦେଇଥିଲେ। ଗତବର୍ଷ ସେପ୍ଟେମ୍ବରରେ ପିଇଓ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ହେଲେ ପ୍ରବୀଣଙ୍କ ଭଉଣୀ କୃତକାର୍ଯ୍ୟ ହୋଇ ପାରିନଥିଲେ । ଅର୍ଥାତ ଏହି ଦମ୍ପତି ଦେଇଥିବା ପ୍ରତିଶ୍ରୁତି ବିଫଳ ହୋଇଥିଲା। ସେହିକ୍ରମରେ ପ୍ରବୀଣଙ୍କ ପରିବାର ଲୋକେ ଏହି ଦମ୍ପତି ରହୁଥିବା ଘରକୁ ଯାଇ ଘଟଣା ବିଷୟରେ ପଚାରିବା ସହ ଟଙ୍କା ଫେରାଇବାକୁ କହିଥିଲେ । ହେଲେ ପ୍ରବୀଣଙ୍କ ପରିବାର ଲୋକଙ୍କ କଥାକୁ ଏହି ଦମ୍ପତି କର୍ଣ୍ଣପାତ କରିନଥିଲେ । ଏପରିକି ବାରମ୍ବାର ଟଙ୍କା ମାଗିବାରୁ ବିଭିନ୍ନ ପ୍ରକାର ଧମକ ଦେଇଥିଲେ । ଏ ନେଇ ପ୍ରବୀଣ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ସେ ବ୍ରହ୍ମପୁର ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ । ସେଠାରୁ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେ ବ୍ରହ୍ମପୁର ଜେଏମଏଫସି(ଗ୍ରାମୀଣ) ଅଦାଲତରେ ଏକ ୱାନସିସି ମାମଲା ଦାୟର କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ପ୍ରକାରେ ନିମଖଣ୍ଡି ଥାନାରେ ନଂ ୧୩୮/୨୪ରେ ଏକ ମାମଲା ରୁଜୁ ହେବା ସହ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଗଞ୍ଜାମରୁ ଭାଗ ନେବେ ୮ ପ୍ରତିଯୋଗୀ

ବ୍ରହ୍ମପୁର,୫।୫(ସ୍ମୃତି ରଞ୍ଜନ ମହାଲିକ)

**ରାଜ୍ୟସ୍ତରୀୟ ପେନକାକ ସିଲାଟ ପ୍ରତିଯୋଗିତା**

ଝାରସୁଗୁଡାଠାରେ ହେବାକୁ ଥିବା ୭ମ ସିନିୟର ରାଜ୍ୟସ୍ତରୀୟ ପେନକାକ ସିଲାଟ ପ୍ରତିଯୋଗିତାରେ ଭାଗ ନେବାକୁ ରବିବାର ଗଞ୍ଜାମର ୮ ଖେଳାଳି ସେଠାକୁ ଗସ୍ତ କରିଛନ୍ତି। ସୋମବାର ଝାରସୁଗୁଡାଠାରେ ପେନକାକ ସିଲାଟ ଆସୋସିଏସନ ପକ୍ଷରୁ ଉତ୍କଳ ଜ୍ୟୋତି କୋକ୍ସ କଲୋନୀରେ ପ୍ରତିଯୋଗିତା ହେବ। ପ୍ରତିଯୋଗିତାରେ ଗଞ୍ଜାମରୁ ସିନିୟର ପୁରୁଷ ବର୍ଗରେ ଆଦିତ୍ୟ ସାହୁ, ସୁମନ ମହାରଣା, ସୋନୁ ମହାରଣା, ରୁଦ୍ର ପ୍ରତାପ ଷଡଙ୍ଗୀ, ପ୍ରିୟାଂଶୁ ମିଶ୍ର, ରିତିଶ କୁମାର ମିଖି ରହିଛନ୍ତି। ସେହିପରି ସିନିୟର ମହିଳା ବର୍ଗରେ


ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ପ୍ରତିଯୋଗୀ।

ପି. ଇପ୍ସିତା ରହିଛନ୍ତି। ଖେଳାଳିଙ୍କ ସହ କୋଚ ଶ୍ରୀଧର ସାହୁ ଯାତ୍ରା କରିଛନ୍ତି। ଖେଳାଳିଙ୍କୁ ଗଞ୍ଜାମ ପେନକାକ ସିଲାଟ ସଂଘ ଶୁଭେଚ୍ଛା ଜଣାଇଛନ୍ତି।

# ବିଧାୟକ ପ୍ରାର୍ଥୀ ବିପ୍ଳବଙ୍କ ସମ୍ପତ୍ତି ୩୨.୩୬ କୋଟି

ବ୍ରହ୍ମପୁର,୫।୫(ଅଶୋକ କୁମାର ସାହୁ)

**ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ସବୁଠୁ ଧନୀ**

ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ୭ ବିଧାନସଭା ଆସନ ରହିଛି। ଏହି ୭ ବିଧାନସଭା ଆସନ ପାଇଁ ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ମୋଟ ୭୫ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ସର୍ବାଧିକ ୧୭ ପ୍ରାର୍ଥୀ ଲଢୁଥିବାବେଳେ ତା' ତଳକୁ ରହିଛି ଦିଗପହଣ୍ଡି। ଏଠାରେ ୧୩ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି ମୋହନା ବିଧାନସଭା ଆସନରେ ୭, ପାରଳାଖେମୁଣ୍ଡିରେ ୧୦, ଚିକିଟିରେ ୮, ଗୋପାଳପୁରରେ ୧୦ ଓ ଛତ୍ରପୁରରେ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମସ୍ତ ପ୍ରାର୍ଥୀ ନାମାଙ୍କନ ଦାଖଲ ବେଳେ ସତ୍ୟପାଠ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ବିପ୍ଳବ ପାତ୍ର ସବୁଠୁ ଧନୀ ବୋଲି ସତ୍ୟପାଠରୁ ଜଣାପଡିଛି। ପୂର୍ବତନ ବାଚସ୍ପତି ସ୍ୱର୍ଗତ ସୂର୍ଯ୍ୟନାରାୟଣ ପାତ୍ରଙ୍କ ପୁଅ ବିପ୍ଳବଙ୍କ ସମ୍ପତ୍ତିର ପରିମାଣ ୩୨.୩୬ କୋଟି ବୋଲି ସେ ଦର୍ଶାଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସିଦ୍ଧାନ୍ତ ମହାପାତ୍ର ସତ୍ୟପାଠରେ ତାଙ୍କ ସମ୍ପତ୍ତିର ପରିମାଣ ୩.୭୮ କୋଟି ଦର୍ଶାଇଥିବାବେଳେ ସେହି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସରୁ ଲଢୁଥିବା ସାକା ସୁଜିତ କୁମାରଙ୍କ ସମ୍ପତ୍ତିର ପରିମାଣ ୨.୩୯ କୋଟି ବୋଲି ଦର୍ଶାଯାଇଛି। ସେଠାରୁ ଆଉ ଜଣେ ପ୍ରାର୍ଥୀ ହେଲେ ସାନଖେମୁଣ୍ଡି ରାଜ ପରିବାରର ଶ୍ରୀଧର ଦେଓ। ପ୍ରଥମେ ତାଙ୍କୁ କଂଗ୍ରେସ ଟିକେଟ ମିଳିଥିଲା। ହେଲେ ପର ମୁହୂର୍ତ୍ତରେ ସାକା ସୁଜିତଙ୍କ ଉପରେ କଂଗ୍ରେସ ଭରସା କରିବାରୁ ଶ୍ରୀଧର ଦେଓ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କ ସମ୍ପତ୍ତିର ପରିମାଣ ୧୪ କୋଟି ବୋଲି ସତ୍ୟପାଠରେ ସେ ଦର୍ଶାଇଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ଖଟେଇଙ୍କ ସମ୍ପତ୍ତିର ପରିମାଣ ୧.୧୯ କୋଟି ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କ ସମ୍ପତ୍ତିର ପରିମାଣ ୧୫.୬୨ କୋଟି ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ଚିକିଟି ନିର୍ବାଚନ ମଣ୍ଡଳୀରୁ ମନ୍ତ୍ରୀ ଉଷା ଦେବୀଙ୍କ ପୁଅ ଚିନ୍ମୟାନନ୍ଦ ଶ୍ରୀରୂପ ଦେବଙ୍କ ସମ୍ପତ୍ତିର ପରିମାଣ ୧୧.୮୮ କୋଟି ଦର୍ଶାଇଥିବା ବେଳେ ବ୍ରହ୍ମପୁର ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଥିବା ଶିବ ଶଙ୍କର ଦାସଙ୍କ ସମ୍ପତ୍ତିର ପରିମାଣ ୬.୯୨ କୋଟି ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି।

